## ଚାଲାଣ ବେଳେ କାଠ ଜବତ, ୨ ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗ ବିଟ୍ ଅଧୀନ ଖଡ଼ିକାପଡ଼ା ରାସ୍ତାରେ ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଡ଼ିକାପଦା ଗ୍ରାମର କାଠ ବ୍ୟବସାୟୀ ଉପେନ୍ଦ୍ର ମୁଣ୍ଡା (୩୨) ଓ ଟ୍ରାକ୍ଟର ଚାଳକ ବାବୁରାମ ମାଝି (୨୮)। ଖଡ଼ିକାପଡ଼ା ଗ୍ରାମର ହୁଡ଼ି ସାହିରୁ ଶାଳ କାଠଗଣ୍ଡି କାଟି ଚାଲାଣ ହେଉଥିବା ବେଳେ ସୋମବାର ବିଳମ୍ବିତ ରାତିରେ ବନବିଭାଗ ଚଢ଼ାଉ କରି କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା।

**ସଂକ୍ଷେପରେ**

## ବଦଳିଲେ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ

**ବାରିପଦା ଅଫିସ,୧୪।୨:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବାରମ୍ବାର ହାତୀ ଶିକାର ଓ ବାଘ ଚମଡ଼ା ଜବତ ଘଟଣାକୁ ନେଇ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜଙ୍ଗଲ, ପରିବେଶ ଓ ପାଣିପାଗ ପରିବର୍ତ୍ତନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି.ଅଶୋକ କୁମାରଙ୍କୁ ସମ୍ବଲପୁର କ୍ଷେତ୍ର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଡ.ପ୍ରକାଶ ଚାନ୍ଦ ଗୋଗନେନିଙ୍କୁ ଅବସ୍ଥାପିତ କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କଠୁ ଝାମ୍ପିନେଲେ ୧.୧୮ ଲକ୍ଷ

**ଚାନ୍ଦବାଲି,୧୪।୨(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବଜାର ହରିସାହୁ ଛକରେ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୧ଲକ୍ଷ ୧୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ହେଲେ ଘଣ୍ଟେଶ୍ୱର ଗଙ୍ଗାଧରପୁର ଗ୍ରାମର ସୁରେନ୍ଦ୍ର କୁମାର ସାହୁ। ସୂଚନା ଅନୁଯାୟୀ, ସେ ସୋମବାର ଅପରାହ୍ନରେ ଚାନ୍ଦବାଲି ଷ୍ଟେଟବ୍ୟାଙ୍କରୁ ୧ ଲକ୍ଷ ୧୮ ହଜାର ଟଙ୍କା ଲୋନ୍ ଉଠାଇ ଆଣି ଗାଁକୁ ଯିବା ପାଇଁ ସ୍ଥାନୀୟ ହରିସାହୁ ଛକରେ ଏକ ଅଟୋରେ ବସିଥିଲେ। ତାଙ୍କୁ ପିଛା କରୁଥିବା ୨ଜଣ ଲୁଟେରା ଚତୁରତାର ସହ ଅଟୋରୁ ତାଙ୍କ ଟଙ୍କା ବ୍ୟାଗ୍ ଲୁଟ୍ କରି ପୂର୍ବରୁ ପ୍ରସ୍ତୁତ ଥିବା ଅନ୍ୟ ଏକ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଖବରପାଇ ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ହେଁ ଲୁଟେରାଙ୍କ ସନ୍ଧାନ ମିଳିପାରି ନାହିଁ।

## ମନ୍ଦିର ତାଲା ଭାଙ୍ଗି ଚୋରି

**ବସ୍ତା/ରୂପ୍‌ସା,୧୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ କସିପଦା ପଞ୍ଚାୟତର କସିପଦା ଗ୍ରାମରେ ଥିବା ମା' ଖେଜୁରାଇ ମନ୍ଦିରରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳୁ ମନ୍ଦିର ସେବିକା ମନ୍ଦିର ଧୋଇବାକୁ ଆସି ଚାବି ଭାଙ୍ଗିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପୋଲିସକୁ ଖବର ଦେବା ପରେ ପୋଲିସ ଓ ସନ୍ଧାନୀ କୁକୁର ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ତେବେ ବାରମ୍ବାର ଏହି ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବାରୁ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ପଦ୍ମପୁର,୧୪।୨(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ପୋଲିସ ଏକ ନାବାଳିକା ଅପହରଣ ମାମଲାରେ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବେନ୍ତାଳ ଗ୍ରାମର ଜଗବନ୍ଧୁ ବେହେରା। ଏଥିସହ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଅଭିଯୁକ୍ତ ଗତ ଜାନୁୟାରୀ ୬ରେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା (ନଂ.୨/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ଜଗବନ୍ଧୁଙ୍କୁ ଗିରଫ କରିଛନ୍ତି।

## ଶ୍ୱଶୁରଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ପାଟଣା,୧୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସାଁରାପଶି ଗ୍ରାମସ୍ଥିତ ଶ୍ୱଶୁର ଘରୁ ମଙ୍ଗଳବାର ପୂର୍ବାହ୍ନରେ ଜଣେ ୨୫ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ପାରିବାରିକ କଳହରୁ ସ୍ତ୍ରୀଙ୍କ ଚୁନିରେ ଘର ଭିତରେ ବେକରେ ଫାଶୀ ଲଗାଇ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ମୃତକ ହେଲେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବଡ଼ପାଟଣା ଗ୍ରାମର ପଲଟୁ ନାଏକ। ସୂଚନା ଅନୁଯାୟୀ, ସ୍ତ୍ରୀଙ୍କୁ ବାଇକ୍ କିଣିବା ପାଇଁ ପଲଟୁ ଟଙ୍କା ମାଗିଥିଲେ। ସ୍ତ୍ରୀ ଟଙ୍କା ନ ଦେବାରୁ ପଲଟୁ ଝଗଡ଼ା କରିବା ପରେ ଏଭଳି ଚରମ ପଦକ୍ଷପ ନେଇଥିବା ଜଣା ପଡ଼ିଛି। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୩) ରୁଜୁ ହୋଇଛି।

# ଭିତରେ ଶିକାରୀ, ବାହାରେ କର୍ମଚାରୀ

**ବାରିପଦା ଅଫିସ,୧୪।୨**

**ଶିମିଳିପାଳ ଅଭୟାରଣ୍ୟ**

**ସହରରେ ରହୁଛନ୍ତି ବନ ଅଧିକାରୀ**

ଜୀବ ଜଗତକୁ ସୁରକ୍ଷା ଯୋଗାଉଥିବା ଶିମିଳିପାଳ ଅଭୟାରଣ୍ୟ ଏବେ ଅସୁରକ୍ଷିତ ହୋଇପଡ଼ିଛି। ବନ୍ୟପ୍ରାଣୀଙ୍କଠାରୁ ଆରମ୍ଭ କରି ମୂଲ୍ୟବାନ ବୃକ୍ଷଲତା ଓ ଅର୍କିଡ ବିଲୁପ୍ତ ହେବାକୁ ବସିଛି। ୧୫ ଦିନ ମଧ୍ୟରେ ଗୋଟିଏ ଲେଖାଏ ଦନ୍ତାହାତୀ ଶିକାର ଓ ବାଘ ଛାଲ ଜବତ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଶିକାରୀ ଓ ଅଧିକାରୀମାନେ ବନ୍ୟପ୍ରାଣୀଙ୍କ ଶତ୍ରୁ ପାଲଟିଯାଇଛନ୍ତି। ଦନ୍ତାହାତୀ ଶିକାର ଘଟଣାରେ ଅଧିକାରୀମାନେ ଜଡ଼ିତ ରହିବା ଘଟଣା ପ୍ରଘଟ ହେବା ପରେ ଶିମିଳିପାଳର ବନ୍ୟପ୍ରାଣୀ କେତେ ସୁରକ୍ଷିତ ତାହାକୁ ନେଇ ବିଭିନ୍ନ ସଂଗଠନ ସ୍ୱର ଉଠାଇଲେଣି। ମୟୂରଭଞ୍ଜ ଜିଲାର ମୁକୁଟ ସଦୃଶ ଶିମିଳିପାଳ ଅଭୟାଣ୍ୟର ସୁରକ୍ଷାକୁ ନେଇ ପ୍ରାଣୀପ୍ରେମୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ବାରମ୍ବାର ଦନ୍ତାହାତୀ ଶିକାର ଘଟଣାରେ ବନବିଭାଗର ଅପାରଗତା ପଦାରେ ପଡ଼ିବାରେ ଲାଗିଛି। ଶିକାରୀମାନେ ଅବାଧ ଶିକାର ଚଳାଇଥିବା ବେଳେ ବନ କର୍ମଚାରୀମାନେ ଜଙ୍ଗଲ ବାହାରେ ଓ ଅଧିକାରୀମାନେ ସହରରେ ରହୁଥିବାରୁ ଅଭୟାରଣ୍ୟର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବାରିପଦା ସର୍କଲରେ ଥିବା ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ଜିଲାବାସୀ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଉଛନ୍ତି।

୨୭୫୦ ବର୍ଗ କି.ମି. ପରିବ୍ୟାପ୍ତ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ, କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦା ବନଖଣ୍ଡକୁ ମିଶାଇ ୫ଟି ଡିଭିଜନ ଅଧୀନରେ ୩୧ଟି ରେଞ୍ଜ କାର୍ଯ୍ୟାଳୟ ରହିଛି। କାର୍ଯ୍ୟାଳୟରେ ଥିବା କର୍ମଚାରୀମାନେ ବନାଗ୍ନି ରୋକିବା ନେଇ ଜଙ୍ଗଲ ବାହାରେ ଲୋକଙ୍କୁ ସଚେତନ କରୁଛନ୍ତି। କାଁ ଭାଁ ପାଟ୍ରୋଲିଂ କରୁଥିବାରୁ ଏହାର ସୁଯୋଗ ନେଇ ଶିକାରୀମାନେ ଜଙ୍ଗଲ ମଧ୍ୟରେ ପ୍ରବେଶ କରୁଛନ୍ତି। ଶିକାରୀଙ୍କ ଗତିବିଧି ଉପରେ ନଜର ରଖିବା କିମ୍ବା ସୂଚନାଦାତାଙ୍କ ସଂଖ୍ୟା କମିଥିବାରୁ ଜଙ୍ଗଲ ଭିତରେ ନିର୍ଭୟରେ ଶିକାରୀମାନେ ଶିକାର କରୁଛନ୍ତି। ଦନ୍ତାହାତୀ, ମହାବଳ ଓ କଲରାପତରିଆ ବାଘ ଶିକାର କରିବା ସହ ହାବୁଡ଼ରେ ପଡୁଥିବା ଅନ୍ୟ ବନ୍ୟପ୍ରାଣୀ ମଧ୍ୟ ଶିକାର କରିବାରେ ସକ୍ଷମ ହେଉଛନ୍ତି। ଗତ ୨ମାସ ମଧ୍ୟରେ ୪ଟି ଦନ୍ତାହାତୀର ମୃତ୍ୟୁ ଓ ତିନୋଟି ବାଘ ଛାଲ ଜବତ ହେବା ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ସ୍ୱତନ୍ତ୍ର ଟାସ୍କ ଫୋର୍ସ ଓ ଜିଲା ପୋଲିସ ଚଢ଼ାଉ କରି ହାତୀ ଦାନ୍ତ ଓ ବାଘ ଛାଲ ଜବତ କରୁଥିବା ବେଳେ ବନବିଭାଗର କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅଭୟାରଣ୍ୟରେ ଲାଗିଥିବା କ୍ୟାମେରାରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖୁଥିବା କର୍ମଚାରୀମାନେ କିପରି ଶିକାରୀଙ୍କ ବିଷୟରେ ଜାଣି ପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟ ଚକିତ କରିଛି। ବନ କର୍ମଚାରୀଙ୍କ ଦାୟିତ୍ୱହୀନତାରୁ ବନ୍ୟପ୍ରାଣୀ ଶିକାର ବୃଦ୍ଧି ପାଉଛି ବୋଲି ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି କହିଛନ୍ତି। ବିଭାଗ ପକ୍ଷରୁ ତଳିଆ କର୍ମଚାରୀଙ୍କୁ ବଦଳି କରାଗଲେ ଅବାଧ ଶିକାରକୁ ରୋକାଯାଇପାରିବ ବୋଲି ସେ ଦାବି କରିଛନ୍ତି। ସେହିପରି ବନ ଅଧିକାରୀମାନେ ଜଙ୍ଗଲରେ ନ ରହି ସହରରେ ରହୁଥିବାରୁ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଫଳରେ ଅସୁରକ୍ଷିତ ବନ୍ୟପ୍ରାଣୀ ବାଟ ଭୁଲି ଗାଁ ଓ ସହର ମୁହାଁ ହେଉଛନ୍ତି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିମିଳିପାଳ ଅଭୟାରଣ୍ୟକୁ ବନବିଭାଗ ସହାୟତାରେ ଧ୍ୱଂସ କରିବା ପାଇଁ ପ୍ରତିଯୋଗିତା ଚାଲିଥିବା ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହାର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ତୁରନ୍ତ ବଦଳି କରିବା ପାଇଁ ସେ ଦାବି କରିଛନ୍ତି।

## ବାହାର ଅଞ୍ଚଳର ଠିକାଦାରଙ୍କୁ ବିରୋଧ


ବୈଠକରେ ଉପସ୍ଥିତ ଠିକାଦାରମାନେ।

**ଯୋଡ଼ା,୧୪।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତିର ଲାଇସେନ୍ସ ପ୍ରାପ୍ତ ସମସ୍ତ ଠିକାଦାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧୀନରେ ଥିବା ୧୯ଟି ପଞ୍ଚାୟତର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ। ଆଲୋଚନା ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆ ଯାଇଥିଲା ଯେ, ଯୋଡ଼ା ପଞ୍ଚାୟତ ସମିତି ଛାଡ଼ି ବାହାର ଅଞ୍ଚଳର ଠିକାଦାରମାନେ ଅତୀତରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ଅଧାପନ୍ତରିଆ କରି ଚାଲି ଯାଇଥିଲେ। ଫଳରେ ଏଥିରେ ନିଯୁକ୍ତ ଶ୍ରମିକମାନେ କର୍ଯ୍ୟହରା ହେବା ସହ ଉଚିତ ପ୍ରାପ୍ୟ ମଧ୍ୟ ପାଇ ପାରୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ବାହାର ଅଞ୍ଚଳର ଠିକାଦାରମାନଙ୍କୁ କାର୍ଯ୍ୟରେ ପ୍ରଶୟ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଏହା ସହିତ ଯଦି ଯୋଡ଼ା ପଞ୍ଚାୟତ ସମିତିର କେହି ଠିକାଦାର ନିଜ ପଞ୍ଚାୟତ ଛାଡ଼ି ଅନ୍ୟ ପଞ୍ଚାୟତରେ କାମ ପାଇଁ ଟେଣ୍ଡର ପକାଇ କାର୍ଯ୍ୟାଦେଶ ନିଅନ୍ତି ,ତେବେ ସେମାନଙ୍କ ମଧ୍ୟରେ ବୁଝାମଣା ହୋଇ କାର୍ଯ୍ୟ କରି ପାରିବେ। ଏହାକୁ ଅମାନ୍ୟ କଲେ ସମସ୍ତ ଠିକାଦାର ମିଶି ବିରୋଧ କରିବେ ବୋଲି ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ଉପସ୍ଥିତ ଠିକାଦାରଙ୍କ ମଧ୍ୟରେ ଦୟାନିଧି ପାତ୍ର, ରାଧାକାନ୍ତ ନାଏକ, ଗଣେଶ ପଲେଇ କହିଛନ୍ତି ଯେ, ବାହାର ଅଞ୍ଚଳର ଠିକାଦାରମାନେ କାର୍ଯ୍ୟ କଲେ ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ସହିତ ସ୍ଥାନୀୟ ଠିକାଦାରମାନେ କାର୍ଯ୍ୟ ହରା ହେବେ। ଶ୍ରମିକମାନେ ମଧ୍ୟ କାମଧନ୍ଦାରୁ ବଞ୍ଚିତ ହେବା ସହିତ ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି । ଏଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି।

# ଭୋର ୫ଟାରେ ଉଠିବ ମହାଦୀପ

**ଆଖଣ୍ଡଳମଣି ପୀଠରେ ମହାଶିବରାତ୍ରି ପ୍ରସ୍ତୁତି**

**ଆରଡ଼ି,୧୪।୨(ଡି.ଏନ୍.ଏ.)**


ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀ ଓ ସେବାୟତ।

ପାଖେଇ ଆସୁଛି ମହାଶିବରାତ୍ରି। ଆସନ୍ତା ଶନିବାର ମହାଶିବରାତ୍ରି ପଡୁଥିବା ବେଳେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ପ୍ରସିଦ୍ଧ ଜାଗର ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମହାଶିବରାତ୍ରି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। କୋଭିଡ୍ କାରଣରୁ ଦୁଇବର୍ଷ ହେଲା ଭକ୍ତମାନେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିପାରି ନ ଥିଲେ। ଚଳିତବର୍ଷ ଭକ୍ତଙ୍କ ସଂଖ୍ୟା ୨ ଲକ୍ଷ ଟପିବାର ସମ୍ଭାବନା ଥିବାରୁ ପୀଠରେ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି।

ଜାଗର ଦିନ ଭୋର ୪ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି କରାଯିବ। ପରେ ପୂଜାର୍ଚ୍ଚନା ସହ ରାତି ୧ଟାରେ ପ୍ରଭୁଙ୍କ ସୁନାବେଶ ଓ ଭୋର ୫ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ପ୍ରଶାସନିକ ଅଧିକାରୀମାନେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ପୀଠରେ ପୋଲିସ ବ୍ୟବସ୍ଥା, ଆରଡ଼ି ବସ୍‌ଷ୍ଟାଣ୍ଡ, ମଠଡିହ, ବେତାଳିଗାଁ ଆଦି ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଭକ୍ତମାନଙ୍କ ଦର୍ଶନ ଲାଗି ମନ୍ଦିର ଦକ୍ଷିଣ ଦ୍ୱାରରେ ପ୍ରବେଶ ପଥ ଓ ଅନ୍ୟ ୩ ଦ୍ୱାରକୁ ପ୍ରସ୍ଥାନ ପଥ କରାଯିବା ପାଇଁ ସ୍ଥିର ହୋଇଛି। ପୀଠ ନିକଟରେ ଥିବା ଧାନଖଣିଆ, ତିନିତର, ମୁଆଁ ଆଦି ନଦୀଘାଟକୁ ଆଲୋକୀକରଣ କରାଯିବା ସହ ଓଡ୍ରାଫ୍ ଟିମ୍ ସଜାଗ ରହିବ। ଭିଡ଼କୁ ଲକ୍ଷ୍ୟ କରି ସୁଦୃଢ଼ ବ୍ୟାରିକେଡ୍ ନିର୍ମାଣ କରାଯିବାକୁ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ସହ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ମନୋଜ ପାତ୍ର, ଡିଆଇବି ଡିଏସ୍‌ପି ଦିଲୀପ ଭୁୟାଁ, ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଧୁଷୁରୀ ଥାନାଧିକାରିଣୀ ସୁକାନ୍ତି କେରେଇ, ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ, ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାଶ ଓ ବିଭିନ୍ନ ବିଭାଗର ବ୍ଲକ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

**ବୁଢ଼ାବଳଙ୍ଗରୁ ବାଲି ଚୋରା ଚାଲାଣ**

## ୫ ଗିରଫ,୪ ଗାଡ଼ି ଜବତ

**ବୈଶିଙ୍ଗା,୧୪।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୁଢ଼ାବଳଙ୍ଗ ନଦୀର କାଠପାଳ ଓ ଦାରିହା ଘାଟରୁ ବାଲି ଚୋରା ଚାଲାଣ ବେଳେ ପୋଲିସ ଚଢ଼ାଉ କରି ୩ଟି ଟ୍ରାକ୍ଟର, ଗୋଟିଏ ଡମ୍ପର ଜବତ କରିବା ସହ ୫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ.୫୪/୨୩) ରୁଜୁ କରାଯାଇ ସୁମନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ସିଙ୍ଗଲାମୁଣ୍ଡଳୀ ଗ୍ରାମର ରଣଜିତ ବେହେରା ଓ ଶଙ୍ଖମୁଣ୍ଡ ଗ୍ରାମର ଜୟରାମ ସିଂ, ବଡ଼ସାହି ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ଗୋବିନ୍ଦ ସିଂ, ବେତନଟୀ ଥାନା ଅନ୍ତର୍ଗତ ସଠିଲୋ ଗ୍ରାମର ନାଥ ସିଂ ଓ ତାରାକୋଠି ଗ୍ରାମର ଶ୍ୟାମ ସୁନ୍ଦର ସିଂ। ବାଲି ଉତ୍ତୋଳନରେ ସମ୍ପୃକ୍ତ ଅନ୍ୟ କେତେଜଣ ପୋଲିସକୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।

## ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

**ବଡ଼ବିଲ,୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ୱାର୍ଡ ନଂ-୭ ଅଞ୍ଚଳର ସୁଶାନ୍ତ ମହାନ୍ତଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବରକତ ନଗର ଅଞ୍ଚଳର ଏମ୍‌ଡି ଇକବାଲ କୁରେସି ଏବଂ ମହାନ୍ତ ବସ୍ତି ଅଞ୍ଚଳର ଗୁରୁପ୍ରିତ ସିଂ। ଗତ ଶୁକ୍ରବାର ରାତିରେ ସୁଶାନ୍ତ ଏକ କାର ଯୋଗେ ଘରକୁ ଫେରୁଥିବା ବେଳେ ସିନେମା ହଲ ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ମାରି ମୋବାଇଲ ଲୁଟି ନେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୪୧/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

# ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଧାୟକ


ବିପନ୍ନ ପରିବାରଙ୍କୁ ଭେଟୁଛନ୍ତି ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

**ଭଣ୍ଡାରିପୋଖରୀ,୧୪।୨(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତ ବିଶୋଳଶାସନ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ ପରିବାରର ୧୬ ବଖରା ଘର ଜଳିଯିବା ଦ୍ୱାରା ସେମାନେ ସର୍ବସ୍ୱ ହରାଇଛନ୍ତି। ମଙ୍ଗଳବାର ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଉକ୍ତ ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରନ୍ଧାଖାଦ୍ୟ ଯୋଗାଇଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଠିକ୍ ଆକଳନ କରି ଯଥାଶୀଘ୍ର ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକ ଉପସ୍ଥିତ ତହସିଲଦାରଙ୍କୁ କହିଥିଲେ। ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସାମାଜିକ କର୍ମୀ ରାଜେନ୍ଦ୍ର ଖଣ୍ଡାଇ, ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

**ଭଦ୍ରକ ଅଫିସ, ୧୪।୨**

ଶିବ ହେଉଛନ୍ତି ମଙ୍ଗଳ ଓ ଯୋଗର ଅଧିନାୟକ ବୋଲି ଭଦ୍ରକ ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ମହୋତ୍ସବ କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ର ଓ କବିତା ଆସରକୁ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶାନ୍ତନୁ କୁମାର ରାଉତ ଓ ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ମଞ୍ଜୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର, ବ୍ରହ୍ମାକୁମାରୀ ପ୍ରତିଭା ବେହେରା, ଡା. ରବୀନ୍ଦ୍ରନାଥ ଓଝା, କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ର ପାଢ଼ୀ, ହରିଶ୍ଚନ୍ଦ୍ର ଦାସ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଯୋଗଦେଇ 'ଆମ ସଂସ୍କୃତିରେ ମହାଶିବରାତ୍ରି' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ସମ୍ପାଦକୀୟ ପାଠ କରିଥିଲେ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶ। କବୟିତ୍ରୀ ସରୋଜିନୀ ନାୟକ ଓ ଅମୀୟ ମହାପାତ୍ରଙ୍କ ସଂଯୋଜନାରେ ବହୁ କବି କବିତାପାଠ କରିଥିଲେ। କବି ଗୌରାଙ୍ଗ ଚନ୍ଦ୍ର ବାରିକ ଅତିଥି ପରିଚୟ ଓ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହସମ୍ପାଦିକା ମମତାରାଣୀ ଦାଶ ସଭା ପରିଚାଳନା କରିଥିଲେ।

**ସାମାଜିକ କର୍ମୀ ନୈନା ସାହୁ ହତ୍ୟା ଘଟଣା**

# ସବିଶେଷ ରିପୋର୍ଟ ମାଗିଲା ଗୃହ ବିଭାଗ

**କେନ୍ଦୁଝର,୧୪।୨(ସ୍ୱ.ପ୍ର.)**

ସାମାଜିକ କର୍ମୀ ରୋଜାଲିନ ସାହୁ (ନୈନା)ଙ୍କ ମୃତ୍ୟୁ ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ୧୫ ଦିନ ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପୋଲିସ ମହା ନିର୍ଦ୍ଦେଶକଙ୍କୁ ଚିଠି (ନଂ.୬୩୪୭/୧୪।୨।୨୦୨୩) କରାଯାଇଛି। ଜାତୀୟ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ଏହି ଚିଠି କରାଯାଇଛି।

ପ୍ରକାଶ ଯେ, ସାମାଜିକ କର୍ମୀ ନୈନାଙ୍କ ମୃତ୍ୟୁକୁ ନେଇ ଘଟଗାଁ ପୋଲିସ ବିଳମ୍ବରେ ଗତ ମାସରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତେବେ ଏହା ଦୁର୍ଘଟଣା ନୁହେଁ ନୈନାଙ୍କୁ ହତ୍ୟା କରାଯାଇଛି ଏବଂ ଏହା ପଛରେ ଭାଜପା ନେତା ପ୍ରକାଶ ମଲ୍ଲିକ ଓ ଅନ୍ୟ ଜଣଙ୍କ ହାତ ଥିବା ନେଇ ତାଙ୍କ ମା' ଓ ବାପା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଡିଏସ୍‌ପି (କ୍ରାଇମ୍)ଙ୍କୁ ତଦନ୍ତ କରିବାକୁ କେନ୍ଦୁଝର ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ହତ୍ୟାର ସୁରାକ୍ ମିଳିବାରୁ ପୋଲିସ ଦୁର୍ଘଟଣା ମାମଲାକୁ ହତ୍ୟାରେ ପରିବର୍ତ୍ତିତ କରିଥିଲା। ତେବେ ଯାହାଙ୍କ ନାମରେ ଅଭିଯୋଗ ହୋଇଛି ପୋଲିସ ତାଙ୍କୁ ପୂର୍ବରୁ ଥାନାକୁ ଡାକି ଛାଡ଼ି ଦେଇଥିଲା। ଏବେ ତାଙ୍କୁ ଧରି ପାରୁ ନ ଥିବାରୁ ନୈନାଙ୍କ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରି ମହିଳା କମିଶନ, ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ଗୃହ ବିଭାଗ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିବା ସାମାଜିକ କର୍ମୀ ଦିଲ୍ଲୀପ ସାହୁ କହିଛନ୍ତି।

# ଶହୀଦଙ୍କୁ ମନେପକାଇ ରକ୍ତଦାନ

**ବାଲେଶ୍ୱର ଅଫିସ, ୧୪।୨**

୨୦୧୯ ଫେବୃୟାରୀ ୧୪ରେ ପୁଲୱାମା ଆକ୍ରମଣ ହୋଇଥିଲା। ଏଥିରେ ୪୬ଜଣ ସିଆରପିଏଫ ସୈନ୍ୟ ଶହୀଦ ହୋଇଥିଲେ। ସେଥିପାଇଁ ହେଲପିଂ ସୋସାଇଟି ପକ୍ଷରୁ ମଙ୍ଗଳବାର ଶହୀଦ ବୀର-ଯବାନମାନଙ୍କୁ ମନେ ପକାଇ ସଙ୍ଗଠନ ସଭାପତି ହ୍ରିତିକ ନାୟକଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

ଶିବିରକୁ ବାଲେଶ୍ୱର ଟ୍ରାଫିକ ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି ଉଦ୍‌ଘାଟନ କରି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ବିକ୍ରମ ପଣ୍ଡା, ରଞ୍ଜିତା ମହାପାତ୍ର, ନିଶିଥ ବାରିକ, ଦୀପାରାଣି ବାରିକ, ସୋନାଲି ସାହା ଉପସଭାପତି ସେକ୍ ନାଜିମ, ଜୀବନ ସଂଗ୍ରାମ ମିଶ୍ର, ସାଧାରଣ ସମ୍ପାଦକ ଅରୂପ ସାହୁ, ରଜତ ଘଡ଼େଇ, ସମ୍ପାଦକ ପଙ୍କଜ ଘୋଷ, ସୁମିତରଞ୍ଜନ କର, ଦିବ୍ୟରଞ୍ଜନ ଦାସ, ରୁଦ୍ର ନାରାୟଣ ପିରୀ, ସ୍ୱସ୍ତିକ ସାମନ୍ତ, ଆଶିଷ ଆସ, ଅବନୀଶଙ୍କର ଦାସ, ଦେବକୃପା ମହାନ୍ତି, ତନୁଶ୍ରୀ ତନୟା ମହାନ୍ତି, ରନିତ ପଣ୍ଡା, କ୍ଷିତୀଶ ଦାସ, ସୁବାଶିଷ ମହାପାତ୍ର, ଜୟସ୍ମିତା କର ଓ ସୁଧାଂଶୁ ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ରକ୍ତଦାତାଙ୍କ ସହ ଅତିଥିଗଣ।

# ଚାନ୍ଦଗୋଛି ମଠରେ କୁମ୍ଭମେଳା

**୧୫ହଜାର ଭକ୍ତଙ୍କ ସମାଗମ**

**ଖଇରା, ୧୪।୨(ଡି.ଏନ.ଏ.)**


ଚନ୍ଦଗୋଛି ମଠ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁସନ୍ଥ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଚାନ୍ଦଗୋଛି ମଠରେ ସୋମବାର କୁମ୍ଭମେଳା ଆଧ୍ୟାତ୍ମିକ ପରିବେଶରେ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାଳିତ ହୋଇଛି। ଭୋର ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନାମଯଜ୍ଞ ଆୟୋଜନ କରାଯାଇଛି । ବ୍ଲକର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମଠର ସଞ୍ଚାଳକ ଇଷ୍ଟବନ୍ଧୁ ମହାରାଜଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ବୃନ୍ଦାବନ ସମେତ ବିଭିନ୍ନ ମଠମନ୍ଦିରରୁ ସାଧୁସନ୍ଥମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ରାଧାକୃଷ୍ଣଙ୍କର ଆରତୀ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ତୁଳସୀଦାସ ମହାରାଜ, ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜ, ଦେବବ୍ରତ ପ୍ରଭୁ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଗୁରୁଶକ୍ତି ଉପରେ ବକ୍ତବ୍ୟ ରଖିଥିଲେ । ଆତ୍ମାକୁ ପରମାତ୍ମାଙ୍କ ସହ ମିଳନ କରାଇବାରେ ଗୁରୁଙ୍କର ଭୂମିକା ଅବର୍ଣ୍ଣନୀୟ । ଗୁରୁ ହିଁ ପ୍ରକୃତ ଈଶ୍ୱର। ମହାଭାରତ, ରାମାୟଣ ଏବଂ ପ୍ରତ୍ୟେକ ଶାସ୍ତ୍ରରେ ଗୁରୁଙ୍କ ସ୍ଥାନ ସର୍ବାଗ୍ରେ । ଏଣୁ ମୁକ୍ତି ପାଇଁ ଗୁରୁଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଇଷ୍ଟବନ୍ଧୁଙ୍କ ଶିଷ୍ୟ ହରି ଗୋପାଳ ଦାସ, ତୁଳସୀ ଦାସ, କିଶୋର ଦାସ, ମଧୁମଙ୍ଗଳ ଦାସ, ବୃନ୍ଦାବନ ଦାସ ଓ ବାସୁଦେବ ଦାସଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୧୦୦ବର୍ଷ ତଳେ ବୃନ୍ଦାବନରୁ ଆସିଥିବା ବାବା ବୃନ୍ଦାବନ ଦାସ ମଠ ପ୍ରତିଷ୍ଠା କରି ନାମ ସଂକୀର୍ତ୍ତନ ଆରମ୍ଭ କରିଥିଲେ। ତାଙ୍କ ପରେ ଶଙ୍କରପନ୍ଥୀ ପରିବ୍ରାଜକ ସନାତନ ଗିରି ଏବଂ ତାଙ୍କର ଉତ୍ତରାଧିକାରୀ ଭାବେ ଯଦୁମଣି ଦାସ ମଠର ଦାୟିତ୍ୱ ନେଇଥିଲେ। ବର୍ତ୍ତମାନର ଇଷ୍ଟବନ୍ଧୁ ମହାରାଜ ୧୯୭୦ମସିହାରୁ ମଠ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି।

